ପରେ ତିନିଜଣ ଯାକ ଚିନ୍ତା କଲେ । ଆମେ ତିନିଜଣ ସାଙ୍ଗ ହୋଇ ରାଜଶିକାରୀଙ୍କ ପାଖକୁ ଯିବା, ସେ ଯାହାକୁ ମାରିବେ ସେ ମରିବ ।" ଏହାପରେ ତିନିଜଣ ଯାକ ମିଳିମିଶି ରାଜଶିକାରୀଙ୍କ ପାଖକୁ ଗଲେ । ପୁଅଟି କହିଲା, ମୋ ମାଂସ ଖାଇଲେ ରାଣୀ ତୁମକୁ ବହୁତ ଟଙ୍କା ଦେବେ । ଏହାର କାରଣ ମୋ ମାଂସ ବହୁତ କଅଁଳିଆ । ତା'ପରେ ପ୍ରଜାପତି ଉଭୟ କହିଲେ ସେମାନେ ଜଣେ ଜଣେ ଆଗ ମରିବେ । ଏହିପରି ତିନିଜଣ ପ୍ରଜାପତିଙ୍କ ମଧ୍ୟରେ କନ୍ଦଳ ଆରମ୍ଭ ହୋଇଗଲା ।

ଏହା ଶୁଣି ରାଜଶିକାରୀଙ୍କ ମନ ଅତ୍ୟନ୍ତ ଦୁଃଖ ହେଲା । ସେ ନିଜେ ରାଜପ୍ରାସାଦକୁ ଯାଇ ରାଜାଙ୍କ ଆଗରେ ସବୁକଥା କହିଲା । ଏହାଶୁଣି ରାଜା, ରାଜଶିକାରୀଙ୍କୁ କହିଲେ, ତୁ ଭଲକାମ କରିଛୁ । ସେମାନଙ୍କୁ ଛାଡ଼ି ଦେଇଛୁ ।

ତତ୍ପରେ ରାଜା ଖୁସି ହୋଇ ରାଜଶିକାରୀକୁ ତାଙ୍କ ରାଜ୍ୟରେ ମନ୍ତ୍ରୀ କରିଦେଲେ । ରାଜା କହିଲେ, ରାଜ୍ୟରେ ଏହାପରଠାରୁ କେହି ଶିକାର କରିବେ ନାହିଁ ।

ଏହାପରେ ରାଜା, ରାଣୀଙ୍କୁ ତାଙ୍କର ପ୍ରତିଦିନ ପରି ଖାଦ୍ୟ ଆଣି ଖାଇବାକୁ କହିଲେ । ରାଣୀ କହିଲେ ମୋର ମାଂସ କୁଆଡ଼େ ଗଲା ? ରାଜା କହିଲେ, "ତୁମେ ଆଜିଠାରୁ ଆମିଷ ଖାଇବ ନାହିଁ । ଏହା ମୋର ଆଦେଶ ।" ❑❑❑


ସବିତା ପଟ୍ଟନାୟକ

ଅମିତ କୁମାର ପ୍ରିୟଦର୍ଶୀ

ଦଶମ ଶ୍ରେଣୀ




# ମୁଁ ପ୍ରଜାପତି

ଗୋଟିଏ ସବୁଜ ବନରେ ପରିପୂର୍ଣ୍ଣ ଅଞ୍ଚଳ । ସେଠାରେ ଏକ ପ୍ରଜାପତି ଏବଂ ଏକ ଝିଣ୍ଟିକା ସାଙ୍ଗ ହୋଇ ରହୁଥିଲେ । ପ୍ରଜାପତିଟି ମନେ ମନେ ଚିନ୍ତା କରୁଥିଲା ଯେ, ତାଙ୍କର ବନ୍ଧୁତା ତାଙ୍କୁ ସ୍ୱର୍ଗର ସୁଖ ଦେଇଛି । ଉଭୟେ ମିଶି ସବୁଦିନ ହସଖୁସିରେ ଦିନ କଟାଇଥାଆନ୍ତି ।

ପ୍ରଜାପତି ଆଗରେ ଝିଣ୍ଟିକା ଅସରନ୍ତି ଖୁସି ପ୍ରକାଶ କରେ । ପ୍ରକୃତରେ ତାଙ୍କର ମିତ୍ରତା ଥିଲା । କିନ୍ତୁ ଝିଣ୍ଟିକା ତା' ରାଜାଙ୍କ କଥାରେ ଫସି ଯାଇଥିଲା । ଝିଣ୍ଟିକାର ରାଜା ତାକୁ କହିଥିଲେ, ଏକ ପ୍ରଜାପତି ଧରି ଆଣିବା ପାଇଁ ଯାହାକୁ ରାଣୀଙ୍କର ଖାଦ୍ୟ ରୂପେ ଦିଆଯିବ । ଏହା ରାଣୀଙ୍କର ଇଚ୍ଛା ଥିଲା । ସେଠାରେ ପ୍ରଜାପତି ମିଳିବା ଏତେ ସହଜ ନ ଥିଲା, ଯଦିଓ ସେଠାରେ ଗୋଟିଏ ପ୍ରଜାପତି ଥିଲା, ସେ ଥିଲା ଝିଣ୍ଟିକାର ମିତ୍ର ।

ଝିଣ୍ଟିକା ସବୁବେଳେ ଚିନ୍ତାରେ ଥାଏ ସେ କିପରି ଗୋଟିଏ ପ୍ରଜାପତି ଧରି ରାଜାଙ୍କ ପାଖରେ ପହଞ୍ଚାଇବ । ତା ମନରେ ରାଜାଙ୍କ ପ୍ରତି ଭୟ ଓ ମିତ୍ର ପ୍ରତି ଶ୍ରଦ୍ଧା । ମନ ଦୁଃଖରେ ସେ ଚିନ୍ତା କରୁଥାଏ କିପରି ତାକୁ କହିବି ଓ ରାଜାଙ୍କ ପାଖକୁ ଧରିନେବି ।

ଦିନେ ସେ ତା ସାଙ୍ଗ ପ୍ରଜାପତିକୁ କହିଲା, ମୋତେ ରାଜା ଆଦେଶ ଦେଇଛନ୍ତି ଗୋଟିଏ ପ୍ରଜାପତି ଧରି ନେଇ ତାଙ୍କ ପାଖରେ ପହଞ୍ଚାଇବା ପାଇଁ । ନଚେତ୍ ସେ ମୋତେ କଠୋର ଦଣ୍ଡ ଦେବେ ।

ପ୍ରଜାପତି ଏହାଶୁଣି କହିଲା, ମିତ୍ର ତୁମକୁ ଯଦି ରାଜା ବନ୍ଦୀ ବା ଦଣ୍ଡ ବିଧାନ କରିବେ ମୁଁ କାହା ସହିତ ରହି ଜୀବନ ବିତାଇବି ? ଚାଲ ତୁମ ରାଜାଙ୍କ ପାଖକୁ ଯିବା । ମୁଁ ତାଙ୍କ ପାଖରେ ମୋ ଶରୀରକୁ ସମର୍ପଣ କରିବି । ମୁଁ ଜାଣିଛି କେବଳ ମୁଁ ସେଥିରେ ମୋ ଶରୀରକୁ ତ୍ୟାଗ କରିବି କିନ୍ତୁ ଆତ୍ମା ନୁହେଁ ।

ଏହିକଥା ଯେତେବେଳେ ଝିଣ୍ଟିକା ଶୁଣିଲା, ନିଜକୁ ନ୍ୟୁନ ମନେ କଲା ଏବଂ ପ୍ରଜାପତିକୁ କ୍ଷମା ମାଗିଲା । କହିଲା, ମୁଁ ତୁମକୁ ରାଜାଙ୍କ ପାଖକୁ ନ ନେଇ ଯଦି କିଛି ଦଣ୍ଡ ମୋତେ ଭୋଗିବାକୁ ପଡ଼େ ତାହାକୁ ମୁଣ୍ଡପାତି ସହିନେବି । କିନ୍ତୁ ତୁମପରି ବନ୍ଧୁକୁ କେବେହେଲେ ସେହି ରାକ୍ଷସ ରାଜା ପାଖରେ ବଳି ଦେବିନାହିଁ । ବର୍ତ୍ତମାନ ଦୁହେଁ ଦୁହିଁଙ୍କ ବିନା ରହିପାରିବେ ନାହିଁ ଏହା ନିଷ୍ପତ୍ତି ନେଲେ । କିନ୍ତୁ କାହାକୁ ନେଇ ରାଜାଙ୍କ ପାଖରେ ପହଞ୍ଚାଇବାକୁ ହେବ ? ଆମେ ତା'ହେଲେ କ'ଣ କରିବା ?

କିଛି ସମୟ ଏହିପରି ଚିନ୍ତାକରି ଝିଣ୍ଟିକା କହିଲା । ଚାଲ ଏ ରାଜ୍ୟ ଛାଡ଼ି ପଳାଇଯିବା । ସାଙ୍ଗ ସାଥୀ ହୋଇ ମିଳିମିଶି ରହି ଜୀବନ ଓ ପରିବେଶକୁ ସୁନ୍ଦର ଭାବେ ଗଢ଼ିବା । ସେମାନେ ଦୁହେଁ ବହୁ ଦୂରକୁ ଚାଲିଯାଇ ପୂର୍ବପରି ଘନିଷ୍ଠ ବନ୍ଧୁତା ରଖି ପରସ୍ପର ମଧ୍ୟରେ ସହଯୋଗ ସ୍ଥାପନ କରି ରହିଲେ । □□□

ମୁନା ପୂର୍ତ୍ତି

## ମିଳିତ ଲିଖନ-୨

**ବିଷୟ : କଇଁଛ ଓ ବଗ**

# କଇଁଛର ମମତା

ଗୋଟିଏ ଜଙ୍ଗଲରେ ପଶୁପକ୍ଷୀ ମିଶି ରହୁଥିଲେ । ସେମାନଙ୍କ ମଧ୍ୟରେ ଥିଲା ଗୋଟିଏ ବଗ । ଜଙ୍ଗଲରେ କିନ୍ତୁ ସେ ଥିଲା ଏକା ବଗ । ତା' ନାମ ଥିଲା ମୁନା । ଦିନେ ସେ ସ୍ୱପ୍ନରେ ଦେଖିଲା ଯେ ପାଖ ଜଙ୍ଗଲରେ ଆଉ ଏକ ବଗୁଲୀ ରହୁଛି ତା' ନାଁ ଥିଲା ମୀନା । ତେଣୁ ମୁନା ପାଖ ଜଙ୍ଗଲରେ ରହି ଯାଇ ମୀନା ସାଙ୍ଗରେ ରହିଲା ।

ଇତି ମଧ୍ୟରେ ବର୍ଷା ଦିନ ଆସିଲା । ତା' ପରେ ମୁନା ଓ ମୀନା ଦୁହେଁ ମିଶି ସୁନ୍ଦର ବସାଟିଏ ତିଆରି କଲେ । କିଛି ଦିନ ପରେ ମୀନା ସେହି ବସାରେ ଚାରୋଟି ସୁନ୍ଦର ଅଣ୍ଡା ଦେଲା । କିନ୍ତୁ ବର୍ଷାର ପ୍ରକୋପ କମିଲା ନାହିଁ । ହଠାତ୍ ଜଙ୍ଗଲରେ ପ୍ରଳୟଙ୍କରୀ ବନ୍ୟା ଆସିଲା । ସବୁ ଆଡ଼େ ପାଣି ଦେଖି ମୁନା ଓ ମୀନା ତାଙ୍କ ବସା ଛାଡ଼ି ଉଡ଼ିଗଲେ । ବନ୍ୟାରେ ବସାଟି ଭାସିଭାସି ଯାଇ ଗୋଟିଏ ପୋଖରୀରେ ପଡ଼ିଲା ।

ସେହି ପୋଖରୀରେ ଗୋଟିଏ କଇଁଛ ଥିଲା, ତା' ନାମ ଥିଲା ପାପୁଲି । ସେ ଗୋଟିଏ ସୁନ୍ଦର ଅଣ୍ଡା ଦେଇଥିଲା । ପାପୁଲି ସେହି ପୋଖରୀର ରାଣୀ ଥିଲା । ତେଣୁ ସେ ନିଜ ଅଣ୍ଡା ଓ ଭାସି ଆସିଥିବା ଅଣ୍ଡାର ଯତ୍ନ ନେଲା । କିନ୍ତୁ ସେହି ଭାସି ଆସିଥିବା ଚାରୋଟି ଅଣ୍ଡା ମଧ୍ୟରେ ଦୁଇଟି ଅଣ୍ଡା ଫୁଟି ଦୁଇଟି କୌତୁକିଆ ବଗ ଛୁଆ ବାହାରିଲେ ।

ସେହି ଦୁଇଟି ବଗଛୁଆର ନା ଦିଆଗଲା ଆପି ଓ ପପି । କିଛି ଦିନ ପରେ କଇଁଛ ଅଣ୍ଡା ଫୁଟି କଇଁଛ ଛୁଆ ବାହାରିଲା । ତା ନାମ ଦିଆ ହେଲା ରାଣୀ । ସେମାନେ ସମସ୍ତେ ମିଶି ଖେଳିଲେ ଓ ପାପୁଲି ସେ ସମସ୍ତଙ୍କର ଯତ୍ନ ନେଲା । କିନ୍ତୁ କିଛି ଦିନ ପରେ ପାପୁଲି ମରିଗଲା ଓ ରାଣୀ ସେ ପୋଖରୀର ଦାୟିତ୍ୱ ନେଲା ।

ରାଣୀ କହିଲା, "ଆପି ଓ ପପି ଗୋଟିଏ କଥା ଶୁଣ ।" ମାଛ ଧରାଳି ଆସିଲେ ତୁମେମାନେ ଆମ୍ଭମାନଙ୍କୁ ସତର୍କ କରିଦେବ । ଏହିପରି ସେହି ପୋଖରୀରେ ବଗ ଦୁଇଟି ଓ କଇଁଛ ସାଙ୍ଗ ହୋଇ ବହୁ ବର୍ଷ ରହିଲେ । ❑❑❑



# ଚିଣ୍ଟୁ କଇଁଛ ସହ ସରୋଜର ବନ୍ଧୁତ୍ୱ

ଦୁଇଟି ବଗ-କଇଁ ଓ ପଦ୍ମ । ଗୋଟିଏ ବାଡ଼ି ସାହାଯ୍ୟରେ ଚିଣ୍ଟୁ-କଇଁଛକୁ ସେମାନେ ନେଉଥିଲେ । ଆକାଶରେ କଇଁ ଓ ପଦ୍ମ ଉଡ଼ି ଉଡ଼ି ଯାଉଥିଲେ । ଚିଣ୍ଟୁକୁ ବହୁତ ଆନନ୍ଦ ଓ ମଜା ଲାଗୁଥିଲା । ଦଳେ ପିଲା ପଡ଼ିଆରେ କ୍ରିକେଟ ଖେଳୁଥିଲେ । ସେମାନେ ଆକାଶକୁ ଦେଖି ଚିଣ୍ଟୁକୁ ଥଟ୍ଟା କଲେ । ଏଇଟା କଇଁଛ ନୁହେଁରେ ଗୋଟିଏ ବେଙ୍ଗ ଭଳି ଦେଖାଯାଉଛି । ଚିଣ୍ଟୁ ଏକଥା ଶୁଣି ବହୁତ ରାଗି ଗଲା ଆଉ ପାଟି ଖୋଲିଦେଲା । ଏବେ ହଠାତ୍ ତଳକୁ ଖସିବାରେ ଲାଗିଲା । ଠିକ୍ ସେତେବେଳେ ପିଲାମାନେ ଉପରକୁ ଚାହିଁ କହିଲେ, ଦେଖ ଦେଖ କଇଁଛଟି ଖସୁଛି ତଳକୁ ।

ଜଣେ ପିଲା କ୍ୟାଚ୍ ଧରିବା ଭଳି ହାତ ଦେଖେଇ ଦେଲା । ଚିଣ୍ଟୁ ଆସି ତା ହାତରେ ଦୁଲ କରି ପଡ଼ିଗଲା ।

ଏଣେ ଚିଣ୍ଟୁ ଆକାଶରୁ ଭାବୁଚି ମୋର ତ ମୃତ୍ୟୁ ସୁନିଶ୍ଚିତ । କିନ୍ତୁ ଏ କ'ଣ ଗୋଟିଏ ହାତରୁ ପଡ଼ି ଆଉ ଗୋଟିଏ ହାତକୁ ଫୋପଡ଼ା ହେଉଛି । ସେ ମୁହଁ ଖୋଲି କହିଲା ଭାଇମାନେ ମୋତେ ଛାଡ଼ି ଦିଅ । ପିଲାମାନେ ଚିନ୍ତା କଲେ, କଇଁଛଟିକୁ ଏବେ ଆମେ କ'ଣ କରିବା ? ଏବେ ତ ଇଏ ବହୁତ ଛୋଟ ଅଛି । ଏହାର ଯତ୍ନ ନେବା ଆବଶ୍ୟକ। କିଏ ନେବ ତା'ର ଯତ୍ନ ? କେହି ରାଜି ହେଲେନି । କହିଲେ ଘର ଲୋକେ ଗାଳି ଦେବେ ।

ସେଇଠୁ ଜଣେ ପିଲା ସରୋଜ କହିଲା ମୁଁ ତା'ର ଯତ୍ନ ନେବି । ତା'ପରେ ସରୋଜ ଚିଣ୍ଟୁକୁ ନେଲା । ତା'ର ମା'ଙ୍କ ଅଜାଣତରେ ଗୋଟିଏ ଛୋଟ ମାଠିଆରେ ଲୁଚେଇ ତା' ଘରେ ରଖିଲା । ମା' ତାକୁ ଯେଉଁ ଖାଇବା ଦିଅନ୍ତି ସେଇଥିରୁ କିଛି କିଛି ଲୁଚେଇ ଖାଇବାକୁ ଦେଲା । କ୍ରମେ ଚିଣ୍ଟୁ ରହିବାକୁ ଜାଗା ହେଲା ନାହିଁ । ସେ ଅଣନିଶ୍ୱାସୀ ଅନୁଭବ କଲା । ଏଣେ ଚିଣ୍ଟୁ ଓ ସରୋଜର ବନ୍ଧୁତା ବଢ଼ିବାରେ ଲାଗିଲା । କେହି କାହାକୁ ଛାଡ଼ି ରହି ପାରୁ ନ ଥାନ୍ତି । ବର୍ତ୍ତମାନ ସରୋଜ କରିବ କ'ଣ ? ସେ ଏକ ଉପାୟ ପାଞ୍ଚିଲା ଯେ ମା'ଙ୍କୁ କହିବାକୁ ପଡ଼ିବ । ନଚେତ୍ ଚିଣ୍ଟୁକୁ ଦୂର ଗାଡ଼ିଆରେ ଛାଡ଼ିବାକୁ ପଡ଼ିବ । ସବୁ ଶୁଣି ମାଆ ଖୁସି ହୋଇଗଲେ । କହିଲେ ମୋ'ପୁଅ ଏତେ ଦୟାଳୁ ! ବାପା ଆସିଲେ ବଜାରରୁ ଗୋଟିଏ ବଡ଼ ଆକ୍ୱାରିଅମ୍ କିଣି ଆଣିବେ ଆଉ ଆମେ ସେଥିରେ କଇଁଛକୁ ରଖିବା ।

ବଜାରରୁ ଆକ୍ୱାରିୟମ୍ କିଣା ହୋଇ ଆସିଗଲା । ତାକୁ ବିଭିନ୍ନ ରଂଗ ବେରଙ୍ଗ ପଥର ଓ ଲତା ଦ୍ୱାରା ସଜଡ଼ା ଗଲା । ତା'ପରେ ପାଣି ଭର୍ତ୍ତି କରି ତା' ଭିତରେ ଚିଣ୍ଟୁକୁ ଛଡ଼ା ଗଲା ।

ସବୁଦିନ ପାଇଁ ଚିଣ୍ଟୁ ଓ ସରୋଜ ସାଥି ହୋଇ ରହିଲେ । ❒❒❒



# ତିନିଜଣ ପ୍ରିୟ ସାଙ୍ଗ

ଗୋଟିଏ ପୋଖରୀରେ ତିନି ଜଣ ସାଙ୍ଗ ଥିଲେ । ଦୁଇଟି ବଗ ଓ ଗୋଟିଏ କଇଁଛ । ବଗ ଦୁଇଟିରୁ ଜଣଙ୍କର ନାମ ହେଉଛି କୁନି ଆଉ ଜଣଙ୍କର ନାମ ମୁନି ଓ କଇଁଛର ନାମ ଚିଙ୍କି । ସେହି ପୋଖରୀରେ ଅନେକ ଗୁଡ଼ିଏ ମାଛ ରହୁଥିଲେ । ଗ୍ରୀଷ୍ମ ଋତୁରେ ପୋଖରୀର ପାଣି ଶୁଖିବାକୁ ଲାଗିଲା । ଫଳରେ ପୋଖରୀର ମାଛ ମରିବାକୁ ଲାଗିଲେ ।

କୁନି, ମୁନି ଓ ଚିଙ୍କି ଦୁଃଖ ପ୍ରକାଶ କଲେ । କୁନି ଓ ମୁନି ମାଛ ଖାଆନ୍ତି । ଧୀରେ ଧୀରେ ପାଣି ଶୁଖିଯିବା ଫଳରେ କୁନି, ମୁନି ଓ ଚିଙ୍କିକୁ ଅସୁବିଧା ହେଲା । ସେମାନେ ଗୋଟିଏ ସୁବିଧା ଜାଗା ପାଇବା ପାଇଁ ଇଣ୍ଟର୍‌ନେଟ୍‌ରେ ଗୋଟିଏ ଭଲ ପୋଖରୀ ଖୋଜିଲେ । ସେ ଜାଗାକୁ ଦେଖିକି ଆସିବୁ ବୋଲି କୁନି ଓ ମୁନି କହିଲେ । ସେମାନେ ଦୁଇଜଣ ଗଲେ ଏବ ଦେଖିଲେ । ପୋଖରୀଟି ତାଙ୍କୁ ଭଲ ଲାଗିଲା । ସେମାନେ ମୋବାଇଲ୍ ଦ୍ୱାରା ଚିଙ୍କିକୁ ଫୋନ୍ କଲେ । ଚିଙ୍କିକୁ ଫୋନ୍‌ରେ କହିଲେ - ଆମେ ଏହିଠାରେ ହିଁ ରହିଯିବୁ । କଇଁଛ କହିଲା, ତୁମକୁ ଛାଡ଼ି ମୁଁ ରହିପାରିବି ନାହିଁ । ତୁମେମାନେ ଏଠାକୁ ଆସି ମୋତେ ନେଇଯାଅ । ସେଥିରୁ କୁନି ଓ ମୁନି ଚିଙ୍କି ପାଖକୁ ଫେରି ଆସିଲେ । ସେମାନେ କଇଁଛ ଚିଙ୍କିକୁ କହିଲେ ଆମେ ତୁମକୁ କିପରି ନେବୁ ସେ ବିଷୟରେ ଚିନ୍ତା କରିବୁ । ସେମାନେ ଦୁଇଟି ଉଡ଼ନ୍ତା ମଟର ସାଇକେଲ ଆଣିଲେ । କୁନି ଓ ମୁନି ଉଡ଼ନ୍ତା ମଟର ସାଇକେଲ ଚଳାଇଲେ । ଗୋଟିଏ ଡାଙ୍ଗକୁ କୁନି ଓ ମୁନି କାମୁଡ଼ି ଧରିଲେ । ତା'ର ମଝିକୁ ଚିଙ୍କି ଧରିଲା । ସେହି ତିନିଜଣ ଉଡ଼ନ୍ତା ମଟର ସାଇକେଲ୍‌ରେ ଉଡ଼ି ଉଡ଼ି ଯିବାକୁ ଲାଗିଲେ ।

ମଝିରେ ଗୋଟିଏ ପଡ଼ିଆ ପଡ଼ିଲା । ସେହି ପଡ଼ିଆରେ ଦଳେ ପିଲା ଖେଳୁଥିଲେ । ସେମାନେ କଇଁଛକୁ ଦେଖି ହସିଲେ । ଚିଙ୍କି ବହୁତ ରାଗିଗଲା । ସେ ତାଙ୍କୁ କହିବା ପାଇଁ ପାଟି ଖୋଲିଲା । ପାଟି ଖୋଲିଲା ମାତ୍ରେ ଚିଙ୍କି ପଡ଼ିଯାଉଥିଲା । କିନ୍ତୁ ତା' ଦେହରେ ଆକାଶ ଛତାଟିଏ ବନ୍ଧା ହୋଇଥିଲା । ସେଥିପାଇଁ ସେ ତଳେ ପଡ଼ିଲା ନାହିଁ । ସେ ଯାଇ କେଉଁ ଗୋଟିଏ ପୋଖରୀରେ ପଡ଼ିଲା । ସେତେବେଳେ ସେ ଧରିଥିବା ମୋବାଇଲ୍‌ଟି ହଜିଗଲା । କୁନି ଓ ମୁନି ଚିଙ୍କିକୁ ଖୋଜି ପାରିଲେ ନାହିଁ । ସେମାନେ ନିଜ ପୋଖରୀକୁ ମନଦୁଃଖରେ ଫେରିଗଲେ ।

କେତେଦିନ ପରେ ଚିଙ୍କି ତା'ର ମୋବାଇଲ୍‌ଟିକୁ ପାଇଲା । ସେ ସଙ୍ଗେ ସଙ୍ଗେ କୁନି ଓ ମୁନିକୁ ଫୋନ୍ କଲା । ସେତେବେଳେ କୁନି ଓ ମୁନି ରହୁଥିବା ପୋଖରୀର ପାଣି ଶୁଖିଯାଇଥିଲା । ତେଣୁ ସେମାନେ ଆସି ଚିଙ୍କି ଥିବା ପୋଖରୀରେ ଭେଟ ହେଲେ । ତିନିଜଣ ମିଶି ସେଠାରେ ଖୁସିରେ ରହିଲେ । ▢▢▢

ସବିତା ପଟ୍ଟନାୟକ, ଚମ୍ପା ବେହେରା, କମଳାକାନ୍ତ
ସମାରି ଭତ୍ରା, ମମତା ଶୁଣ୍ଢି, ମୌସୁମୀ ଦଳେଇ





# ମିଳିତ ଲିଖନ

(ବିଷୟ : ମାଙ୍କଡ଼ ଓ କୁମ୍ଭୀର)

## ମାଙ୍କଡ଼ ଓ କୁମ୍ଭୀରର ମିତ୍ରତା

ଗୋଟିଏ ନଦୀ କୂଳରେ ଜାମୁକୋଳି ଗଛଟିଏ ଥିଲା । ଜାମୁକୋଳି ଗଛରେ ପ୍ରତିଦିନ ଗୋଟିଏ ମାଙ୍କଡ଼ ଆସି କୋଳି ଖାଉଥିଲା । ସେହି ନଦୀରେ କୁମ୍ଭୀର ମଧ ରହୁଥିଲା । କୁମ୍ଭୀରଟି ମାଛ ଖାଇ ପେଟ ପୋଷୁଥିଲା । ସେ ପ୍ରତିଦିନ ମାଙ୍କଡ଼କୁ କୋଳି ଖାଉଥିବାର ଦେଖୁଥିଲା । କୁମ୍ଭୀରଟି ଦିନେ ଯାଇ ମାଙ୍କଡ଼କୁ ପଚାରିଲା, 'ତୁମେ ଏଠାରେ କ'ଣ ଖାଉଛ ? ମାଙ୍କଡ଼ କହିଲା, ମୁଁ ଏଠାରେ ପ୍ରତିଦିନ ଆସି ଜାମୁକୋଳି ଖାଏ । ଏହି କୋଳି ବହୁତ ମିଠା ଅଟେ । ତେଣୁ ମୁଁ ଏଠାକୁ ପ୍ରତିଦିନ ଆସି କୋଳି ଖାଉଛି । ଯଦି ଏହି କୋଳି ଏତେ ମିଠା ତେବେ ମୋତେ ମଧ ଏହି କୋଳି ଖାଇବାକୁ ଦିଅ । ସେତେବେଳେ ମାଙ୍କଡ଼ କହିଲା, ହଉ ଠିକ୍ ଅଛି ଏହା କହି ସେ କୁମ୍ଭୀରକୁ କୋଳି ଖାଇବାକୁ ଦେଲା । କୁମ୍ଭୀର କୋଳି ଖାଇ କହିଲା, ଏହି କୋଳି ବହୁତ ମିଠା, ତେଣୁ ମୋତେ ଆଉ କିଛି କୋଳି ଦିଅ । ପ୍ରତିଦିନ କୁମ୍ଭୀର ଆସି କୋଳି ଖାଇଲା । ଏହିପରି ଭାବରେ କୁମ୍ଭୀର ଓ ମାଙ୍କଡ଼ ପରସ୍ପର ବନ୍ଧୁତା ସ୍ଥାପନ କରିଥିଲେ ।

କିନ୍ତୁ ସେହି ନଦୀରେ ଥିବା ଅନ୍ୟ କୁମ୍ଭୀରମାନେ ଚାହୁଁନଥିଲେ ଯେ ମାଙ୍କଡ଼ କୁମ୍ଭୀର ବନ୍ଧୁ ହୁଅନ୍ତୁ । ତେଣୁ ସେମାନେ କୁମ୍ଭୀରକୁ କହିଲେ, ତୁ ମାଙ୍କଡ଼କୁ ନଦୀ ମଝିକୁ ଆଣ ଆମେ ତାକୁ ଖାଇବା । ସେହି କୁମ୍ଭୀରଟି କହିଲା, ମିତ୍ର ସହ ବିଶ୍ୱାସଘାତକତା କରିପାରିବି ନାହିଁ । ତେଣୁ ନଦୀରେ ଥିବା ଅନ୍ୟ କୁମ୍ଭୀରମାନେ କହିଲେ ଯଦି ତୁ ମାଙ୍କଡକୁ ନ ଆଣିବୁ ତେବେ ତୁ ନିଜେ ଏହି ନଦୀରୁ ଚାଲିଯିବୁ । ତେଣୁ  କୁମ୍ଭୀରଟି ବହୁତ ଦୁଃଖ କରି ମାଙ୍କଡ଼କୁ ନଦୀ ମଝିକୁ ଆଣିବା ପାଇଁ ଚେଷ୍ଟା କଲା । ମାଙ୍କଡ଼ ସେ କଥା ଜାଣିପାରି ଆଉ ଗଛକୁ କୋଳି ଖାଇବା ଲାଗି ଗଲାନାହିଁ । ▢▢▢

ରାମ କବାସି, ଶୁଭଶ୍ରୀରାଣୀ ଆଚାର୍ଯ୍ୟ, ମାନସ ହେମ୍ବ୍ରମ
ମାସାଂ ମୁର୍ମୁ, କାମିନୀ ନାଏକ, ଗିରିଧର ଭୂୟାଁ
କଣ୍ଢେଇ ସିଂ, ସୁବଳ, ସନ୍ଧ୍ୟାରାଣୀ ସେଠୀ



# ମାଙ୍କଡ଼ର ନାତି ଓ କୁମ୍ଭୀରର ନାତୁଣୀ

ମାଙ୍କଡ଼ କୁମ୍ଭୀରକୁ ବୋକା କହିବାରୁ ସେ ତା'ର ପ୍ରତିଶୋଧ ନେବାପାଇଁ ତା ସାଙ୍ଗ କଇଁଛ ନିକଟକୁ ଗଲା । କଇଁଛ ପ୍ରତିଶୋଧ ନେବାପାଇଁ ଉପାୟ ଖୋଜିଲା ଏବଂ କହିଲା ଯେ ତୁମେ ତୁମର ନାତୁଣୀକୁ କହିବ ସେ ମାଙ୍କଡ଼ର ନାତି ସହିତ ସାଙ୍ଗ ହେବ । କେତେଦିନ ପରେ କୁମ୍ଭୀରର ନାତୁଣୀ ମମତା ଏବଂ ମାଙ୍କଡ଼ର ନାତି ଗୋପାଳ ଘନିଷ୍ଠ ସାଙ୍ଗ ହୋଇଗଲେ । ସେମାନେ ପ୍ରତିଦିନ ମିଶି ସ୍କୁଲକୁ ଯାଉଥିଲେ । ସେହି ସ୍କୁଲ୍‌ର ଶିକ୍ଷକ ଥିଲେ ଚତୁର ବିଲୁଆ । ସେଥିରେ ତାଙ୍କ ସାଙ୍ଗରେ ଠେକୁଆ, ହରିଣ ଓ ଗଧ ମଧ ପଢୁଥିଲେ । ମମତା ସେହି ସ୍କୁଲ୍‌ରେ ଭଲ ପଢ଼ି ବୃତ୍ତି ପାଇବାରୁ ଖୁସିରେ ସମସ୍ତ ସାଙ୍ଗମାନଙ୍କୁ ନିମନ୍ତ୍ରଣ କଲା । ଏପରିକି ତାର ସାଙ୍ଗ ଗୋପାଳକୁ ମଧ ନିମନ୍ତ୍ରଣ କରିବା ପାଇଁ ଭୁଲିଲା ନାହିଁ । କିନ୍ତୁ ମାଙ୍କଡ଼ର ଅଜା ଗୋପାଳକୁ ଯିବାପାଇଁ ମନା କଲା । ଗୋପାଳ ବହୁତ ରାଗିଯାଇ ଘର ଛାଡ଼ି ପଳାଇଯିବ ବୋଲି କହିବାରୁ ଅଜା ତାକୁ ସତର୍କ ହୋଇ ରହିବୁ କହି ଯିବାପାଇଁ ଅନୁମତି ଦେଲା ।

ସାଙ୍ଗମାନେ ଗୋପାଳକୁ ସେଦିନ ବହୁତ ଖୁସି କରେଇଥିଲେ ଏବଂ ରାତିରେ ଘରକୁ ଯିବାକୁ ମନା କଲେ । ତେଣୁ ସେ ରାତିରେ ଘରକୁ ଗଲା ନାହିଁ । ତା'ପରଦିନ ସକାଳେ ମାଙ୍କଡ଼ ତା' ନାତି ଗୋପାଳକୁ ଖୋଜିବା ପାଇଁ ବାଡ଼ି ନେଇ ବାହାରିଲା ।

ଏଣେ କୁମ୍ଭୀର ତା ନାତୁଣୀ ମମତାକୁ କହିଲା ସେ ଗୋପାଳକୁ ତାଙ୍କ ଘରେ ଛାଡ଼ିଦେବା ପାଇଁ । କିନ୍ତୁ କୁମ୍ଭୀରର ମୂଳ ଉଦ୍ଦେଶ୍ୟ ଥିଲା ଯେ ସେ ବାଟରେ ଗୋପାଳକୁ ଖାଇବ, ତା'ପରେ ମାଙ୍କଡ଼କୁ ଛାଡ଼ି ଆସିବା ସମୟରେ ବାଟରେ ବୁଢ଼ା ମାଙ୍କଡ଼କୁ ଦେଖିଲା ଏବଂ ନିଜେ ଭାବିଲା ଯଦି ସେ ସେପଟରେ ଯିବ ତା' ହେଲେ ଗୋପାଳକୁ ଖାଇପାରିବ ନାହିଁ । ତେଣୁ ଗୋପାଳକୁ ନେଇ ଫେରିଗଲା ।

ମମତା କଇଁଛଠାରୁ ତା ଅଜାର ଖରାପ ଉଦ୍ଦେଶ୍ୟ ଜାଣି ଗୋପାଳକୁ ବଞ୍ଚାଇବାକୁ ବାହାରିଲା । ବାଟରେ ସେ ଗୋପାଳର ଅଜାକୁ ଦେଖି ତା' ଅଜାର ଖରାପ ଉଦ୍ଦେଶ୍ୟ ବିଷୟରେ କହିଲା । ତା'ପରେ ସେ ଦୁହେଁ ମିଶି ଗୋପାଳକୁ ବଞ୍ଚାଇବାକୁ ବାହାରିଲେ । ଗୋପାଳ ଓ ତା' ଅଜା ମିଶି ବୁଢ଼ା କୁମ୍ଭୀରକୁ ମାରିଲେ । ବୁଢ଼ା ମାଙ୍କଡ଼ ଗୋପାଳ ଓ ମମତାକୁ ନିଜ ଘରକୁ ନେଇଗଲା ଏବଂ ଶେଷରେ ଗୋପାଳ ଓ ମମତାର ବାହାଘର କରାଇଲା । ❐❐❐

ଟିକିଲି ସିଂ, ସୁଶାନ୍ତ ମଲ୍ଲିକ, ବାସୁଦାଶ ପ୍ରଧାନ
ଅନନ୍ୟା ମହାନ୍ତି, ପୃଥ୍ୱୀରାଜ ବାଗ୍, ବିମଳା ଦେହୁରୀ
ଗୋପାଳ ପାଇକ, ରଞ୍ଜିତ ପ୍ରଧାନ



# ଦୟାଳୁ କୁମ୍ଭୀର

ନଈ କୂଳରେ କୋଳି ଗଛଟିଏ ଥିଲା । ସେହି କୋଳି ଗଛରେ ଦୁଇଟି ଦୁଷ୍ଟ ମାଙ୍କଡ଼ ବସା କରି ରହିଥିଲେ । କ୍ରମେ ମାଙ୍କଡ଼ ଦୁଇଟି ନିଜର ପରିବାରକୁ ବଢ଼େଇଲେ । ଗୋଟିଏ ଗଛର କୋଳି ସେମାନଙ୍କ ପୋଷଣ ନିମନ୍ତେ ନିଅଣ୍ଟ ହେଲା । ତେଣୁ ସେମାନେ ନଈର ଆରପାଖକୁ ଯିବାକୁ ଚାହିଁଲେ । କାରଣ ନଈ ଆରପାରିରେ ଅନେକ କୋଳିଗଛ ରହିଥିଲା । କିନ୍ତୁ ନଈ ପାରି ହେବାକୁ ହେଲେ କୁମ୍ଭୀରର ସାହାଯ୍ୟ ଅତ୍ୟନ୍ତ ଆବଶ୍ୟକ ।

ଏଣୁ ମାଙ୍କଡ଼ ଛଳନାର ସହିତ କ୍ଷମା ମାଗିଲା ଏବଂ କହିଲା ଯେ ଅତୀତରେ ତୁମକୁ ଖରାପ ବ୍ୟବହାର କରିଥିବାରୁ ମୁଁ ବହୁତ ଅନୁତପ୍ତ । ତଥାପି ବି ଆଶା କରୁଛି ଯେ ତୁମେ ମୋତେ ନିଶ୍ଚୟ ସାହାଯ୍ୟ କରିବ । କୁମ୍ଭୀର ମଧ୍ୟ ମାଙ୍କଡ଼କୁ ମିଛରେ ସାହାଯ୍ୟ କରିବାକୁ ରାଜିହେଲା । କୁମ୍ଭୀର ମାଙ୍କଡ଼କୁ କହିଲା ଯେ ଆମ୍ଭେମାନେ ତୁମ୍ଭମାନଙ୍କୁ ଆମ ପିଠିରେ ବସାଇ ନଈ ପାର କରି ଦେଇ ପାରିବୁ । ତା'ପରେ କୁମ୍ଭୀର ନିଜର ପରିବାରକୁ ଡାକିଲା ଓ ନିଜର ଯୋଜନା ବିଷୟରେ କହିଲା । କୁମ୍ଭୀରମାନେ ଜାଣିଥିଲେ ଯେ ନଈ ଆର ପାଖରେ ଯେଉଁ ଗଛ ସବୁ ରହିଛି ସେହି ଗଛ ଗୁଡ଼ିକରେ ମହୁମାଛିମାନେ ବସା ବାନ୍ଧି ରହିଛନ୍ତି ।

କୁମ୍ଭୀରମାନେ ମାଙ୍କଡ଼ମାନଙ୍କୁ ନିଜ ପିଠିରେ ବସାଇ ନଈ ଆର ପାରକୁ ନେଇଗଲେ । ନଈ ଆର ପାଖରେ ପହଞ୍ଚି ଗଲା ପରେ ମାଙ୍କଡ଼ମାନେ ଅତି ଖୁସି ମନରେ ଗଛ ଡାଳରେ ଡ଼େଇଁଲେ । କୁମ୍ଭୀରମାନେ ମାଙ୍କଡ଼ମାନଙ୍କୁ କହିଲେ ଆମେ ନିଜର ଖାଦ୍ୟ ସଂଗ୍ରହ କରିବା ପାଇଁ ଯାଉଛୁ, ତୁମେମାନେ ଏଇଠି କୋଳି ଖାଅ । ଏତିକି କହି କୁମ୍ଭୀରମାନେ ପାଣି ଭିତରେ ଲୁଚି ରହିଲେ ।

କୁମ୍ଭୀରମାନଙ୍କୁ ବୋକା ବନେଇ ପାରିଥିବାରୁ ମାଙ୍କଡ଼ମାନେ ଖୁସିରେ ନାଚିଲେ । ଠିକ୍ ସେତିକି ବେଳେ ମହୁମାଛିମାନଙ୍କ ବସା ଭାଙ୍ଗି ଯିବାରୁ ସେମାନେ ରାଗିଯାଇ ମାଙ୍କଡ଼ମାନଙ୍କ ଉପରେ ଆକ୍ରମଣ କଲେ । ମାଙ୍କଡ଼ମାନେ ମହୁମାଛିମାନଙ୍କର କାମୁଡ଼ା ସହି ନପାରି ବିକଳରେ ଚିତ୍କାର କଲେ । ମାଙ୍କଡ଼ ମାନଙ୍କର ଏପରି ଅବସ୍ଥା ଦେଖି କୁମ୍ଭୀରମାନଙ୍କ ମନରେ ଦୟା ଆସିଲା । ସେମାନେ ପାଣି ଭିତରୁ ବାହାରକୁ ବାହାରିଲେ ଓ ସେମାନଙ୍କୁ କ୍ଷମା ମାଗି କହିଲେ ଯେ ଆମ୍ଭମାନଙ୍କୁ କ୍ଷମା କରିଦିଅ କାରଣ ଆମ୍ଭେମାନେ ଜାଣି ଥିଲୁ ଯେ ମହୁମାଛିମାନେ ଏଇଠି ରହିଛନ୍ତି । ଏଠି ଛାଡ଼ିଥିଲୁ ତଥାପି ତୁମମାନଙ୍କୁ ତା'ପରେ ସେମାନେ ମାଙ୍କଡ଼ମାନଙ୍କୁ ନେଇ ଅନ୍ୟ ଜଙ୍ଗଲରେ ଛାଡ଼ିଦେଲେ ।

କୁମ୍ଭୀରମାନେ ଫେରୁଥିବା ସମୟରେ ହଠାତ୍ ଏକ ଚିତ୍କାର ଶୁଣିଲେ ଓ ଦେଖିଲେ ଯେ ଗୋଟିଏ ହାତୀ ପାଣି ପିଉଥିବା ସମୟରେ ଏକ ବିରାଟ କଙ୍କଡ଼ା ତା' ଶୁଣ୍ଢକୁ କାମୁଡ଼ି ଧରିଛି । କୁମ୍ଭୀରମାନେ ହାତୀକୁ କଙ୍କଡ଼ା କବଳରୁ ରକ୍ଷା କଲେ । ପରେ ହାତୀ ଓ କୁମ୍ଭୀର ସାଙ୍ଗ ହେଲେ ।

କିଛିଦିନ ପରେ ଜଙ୍ଗଲରେ ହାତୀ ଦେଖିଲା ଯେ ଗୋଟିଏ ଗଛ ଡାଳରେ ମାଙ୍କଡ଼ମାନେ ବସିଛନ୍ତି । ଖାଇବା ପାଇଁ ସେ ଗଛ ଡାଳକୁ ଭାଙ୍ଗିବାକୁ ଚେଷ୍ଟା କଲା । ସେତେବେଳେ କୁମ୍ଭୀରମାନେ ପହଞ୍ଚିଗଲେ ଓ କହିଲେ ସେମାନେ ଆମ ସାଙ୍ଗ, ସେମାନଙ୍କୁ ଛାଡ଼ିଦିଅ । ସେ ଗଛର ଡାଳ ଭାଙ୍ଗ ନାହିଁ ଏକଥା ଶୁଣି ମାଙ୍କଡମାନେ ନିଜର ଭୁଲ୍ ବୁଝି ପାରିଲେ । ସେମାନଙ୍କ ମଥା ତଳକୁ ନଇଁଗଲା । ସେମାନେ ଭାବିଲେ ଆମ୍ଭେମାନେ କୁମ୍ଭୀରମାନଙ୍କୁ ବହୁତ ହଇରାଣ କରିଛୁ ତଥାପି ସେମାନେ ଆଜି ଆମକୁ ସାହାଯ୍ୟ କଲେ । ଏ କଥା ଭାବି ସେମାନେ କୁମ୍ଭୀରମାନଙ୍କୁ ନିଜର ପରମବନ୍ଧୁ ବୋଲି ମାନିନେଲେ । ସେହିଦିନଠାରୁ ସେମାନେ ଶପଥ କଲେ ଯେ ସମସ୍ତ ଅସୁବିଧାରେ ପରସ୍ପରକୁ ସାହାଯ୍ୟ କରିବେ । ❑❑❑

"ମୋ ଗପଟି ସରିଲା, ଫୁଲ ଗଛଟି ମରିଲା ।"



# ଏକାଙ୍କିକା

(କେତେ ଜଣ ମିଳି ଏକାଙ୍କିକା ଲେଖିବାର ନମୁନା)

## ପ୍ରଥମ ଦୃଶ୍ୟ

(ପାଞ୍ଚ ଜଣ ଛାତ୍ର ବିଦ୍ୟାଳୟରୁ ଘରକୁ ଫେରୁଛନ୍ତି । ପରସ୍ପର ମଧ୍ୟରେ କଥା ହେଉଛନ୍ତି)

କେଶବ - ଆରେ, ଅମିତ୍ ଗତବର୍ଷର ଅନୁଭୂତି ମୁଁ ଏ ପର୍ଯ୍ୟନ୍ତ ଭୁଲି ପାରୁନାହିଁ ।

ଅମିତ୍ - ତୁ ତ ଏ ବର୍ଷ ବି ସରଗିଫୁଲ ଯାଉଛୁ ।

ପ୍ରମୋଦ - ହଁ, ହଁ, ମୁଁ ବି ଏ ବର୍ଷ ସରଗିଫୁଲ ଯିବି । ଏ ବର୍ଷ ପ୍ରଥମ ଥର ପାଇଁ ସରଗିଫୁଲକୁ ଯିବି । ଆରେ ମୌସୁମୀ ତୋ ମୁହଁ କାହିଁକି ଶୁଖିଲା ଦିଶୁଚି । ତୁ ବି ତ ଏଥର ସରଗିଫୁଲକୁ ଯାଉଛୁ ।

ମୌସୁମୀ - କେଜାଣି ଜଣାନାହିଁ । ମୋର ବାପା ମା ମୋତେ ଛାଡ଼ିବେ କି, ନାହିଁ । ମୋ ବାପା ମା ତ ମତେ ପାଖ ଗାଁ ମେଳା କି ଯାତ୍ରା ଦେଖିବାକୁ ଛାଡ଼ନ୍ତି ନାହିଁ । ସେମାନେ କ'ଣ ମତେ ଭୁବନେଶ୍ୱର ଛାଡ଼ିବେ ?

ନିହାରିକା - ତୁ ଜମା ବ୍ୟସ୍ତ ହୁଅନା । ଆମେ ସବୁ ସାଙ୍ଗ ମିଶି ତୋ ବାପା ମା'ଙ୍କୁ ବୁଝେଇବୁ ତତେ ଛାଡ଼ିବା ପାଇଁ । ଆଉ ଯଦି ଦରକାର ପଡ଼େ ଦୀପ୍ତି ଦିଦି ଆମ ଶିକ୍ଷକଙ୍କୁ ଅନୁରୋଧ କରିବେ ତମ ଘରକୁ ଯାଇ ସେମାନଙ୍କୁ ବୁଝାଇବାକୁ ।

କେଶବ - ତୁ ଏତେ ବଢ଼ିଆ କବିତା ଓ ରଚନା ଲେଖୁ, ତୋ ପାଇଁ ତ ଏଇଟା ଗୋଟିଏ ସୁବର୍ଣ୍ଣ ସୁଯୋଗ । ସେଠାରେ ବହୁତ ପ୍ରତିଯୋଗିତା ହୁଏ । ରାଜ୍ୟର ବିଭିନ୍ନ ଆଡୁ ପିଲାମାନେ ଆସନ୍ତି ।

ଅମିତ୍ - ସତ କଥା । ତୁ ନିଶ୍ଚିତ ଯିବା କଥା । Block ରେ ପୁଣି District ରେ ତୁ ପ୍ରଥମ ହୋଇଛୁ ।

ମୌସୁମୀ - ମୁଁ ତ ready ଅଛି । ଖାଲି ବାପା ମା ଯାହା କହିବେ ।

## ଦ୍ୱିତୀୟ ଦୃଶ୍ୟ

(ମୌସୁମୀ ଘରର ଦୃଶ୍ୟ)

ଦିଦି - ଆଜ୍ଞା ନମସ୍କାର । (ବାପାଙ୍କୁ) ଆପଣଙ୍କ ଝିଅ ସରଗିଫୁଲରେ ଭାଗ ନେବା ପାଇଁ ଯୋଗ୍ୟ ବିବେଚିତ ହୋଇଚି ।

ବାପା - ହଁ ଦିଦି ବୁଝୁଚି ଯେ, କିନ୍ତୁ ସେ ମୋର ଏକମାତ୍ର ଝିଅ । କେବେ ବି ମୁଁ ତାକୁ ଗାଁ ବାହାରକୁ ଛାଡ଼ିନି ।